The Odisha Gazette

EXTRAORDINARY

PUBLISHED BY AUTHORITY

No. 1957 CUTTACK, WEDNESDAY, AUGUST 16, 2023/SRAVANA 25, 1945

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଘୋଷଣା

**S.R.O. No. 533**/2023 Dated 26-07-2023

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୮, ଅଧିନିୟମ ୨ ଅନୁସାରେ କୋରାପୁଟ ଜିଲ୍ଲାର ୧ ଗୋଟି ଗ୍ରାମ- ସୌରାଗୁଡା, ମୋଟ **ଏ. ୧.୯୪** ଜାଗା/ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଜୟପୁର ବିମାନ ଧାବନ ପଟି ସଂପ୍ରସାରଣ ଓ ଉନ୍ନତି କରଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡି, ଜୟପୁରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବା ନିମ୍ନ ସୂଚିତ 'କ' ତଫସିଲ ଜମି ନିମନ୍ତେ ଜିଲ୍ଲାପାଳ କୋରାପୁଟଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟକୁ ତର୍ଜମା କରି ସରକାରଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତି ନିଆଗଲା ।

୧. ଜୟପୁର ବିମାନ ଧାବନ ପଟି ସଂପ୍ରସାରଣ ଓ ଉନ୍ନତି କରଣ ନିମନ୍ତେ ଅଧିଗ୍ରହଣ କରାହେଉଥିବା ଏକର ୧.୯୪ଡି. ଜାଗା/ ଜମି ଅଧିଗ୍ରହଣ ବିଧି ସଙ୍ଗତ ଏବଂ ଯଥାର୍ଥରେ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ ଅଟେ ।

୨. ଏହି ପ୍ରକଳ୍ପ ପାଇଁ କୋରାପୁଟ ଗ୍ରାମ ପଞ୍ଚାୟତର ୧ ଗୋଟି ଗ୍ରାମ- ସୌରାଗୁଡା ର ମୋଟ ୧.୯୪ ଏକର ଜାଗା ଅଧିଗୃହିତ ହେବ ।

୩. ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି ଏବଂ ଏହାଦ୍ୱାରା ଲୋକଙ୍କ ଉପରେ ସର୍ବନିମ୍ନ ବିପରୀତ ପ୍ରଭାବ ପଡିବ ।

୪. ପୂର୍ବରୁ ଅଧିଗ୍ରହଣ ହୋଇଥିବା ବଳକା ଜମି ଉପଯୋଗ କରାଯାଇନାହିଁ ଏବଂ ପ୍ରଭାବିତ ଗ୍ରାମରେ ଜନଶୁଣାଣୀ ମଧ୍ୟ କରାଯାଇଅଛି ।

୫. ଉକ୍ତ ପ୍ରକଳ୍ପରେ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି, ପ୍ରପୀଡିତ ବ୍ୟକ୍ତି ବିଶେଷଙ୍କର ସର୍ବନିମ୍ନ ପ୍ରତିକୂଳ ପ୍ରଭାବ ଓ ଭିତ୍ତିଭୂମିର ପ୍ରୟୋଗ ନିମନ୍ତେ ଧ୍ୟାନ ରଖାଯାଇଅଛି ।

ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ ର ନିୟମ ୧୭ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠି ରିପୋର୍ଟ କୁ ପରୀକ୍ଷା କରି ନିୟମ ୧୫ ଅନୁସାରେ ଓଡିଆ ଭାଷାରେ ଅନୁରୂପଭାବରେ ଉପସ୍ଥାପିତ କରାଗଲା । ଏହାପରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧, ଅଧିନିୟମ ୧ ରେ ଅଧିସୂଚନା ପାଇଁ ପ୍ରୟୋଜନ କରାଯିବ ।

ତଫସିଲ – କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- କୋରାପୁଟ

| କ୍ରମିକ ନଂ | ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|
| ୧ | **ସୌରାଗୁଡା** | କୋରାପୁଟ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | **ଏକର. ୧.୯୪** | ଏଥି ସହିତ ସଂଲଗ୍ନ |
| | | | | | | **ମୋଟ** | | **ଏକର. ୧.୯୪** | |

ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଛି ।

# ପ୍ରକଳ୍ପ ପାଇଁ କୋରାପୁଟ ଜିଲ୍ଲା ରେ ପ୍ରସ୍ତାବିତ ଭୁ-ଅଧିଗ୍ରହଣ ବିବରଣୀ /ତଫସିଲ

| କ୍ରମିକ ସଂ | ଜିଲା | ତହସିଲ | ରେକର୍ଡ ଷ୍ଟେନେଣ୍ଟ | ବାପା /ସ୍ୱାମୀ ଙ୍କ ନାମ | ଜାତି | ଗ୍ରାମ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଭୁ ଅର୍ଜନ ହଉଥିବା ରକବା |
|---|---|---|---|---|---|---|---|---|---|---|---|
| ୧ | କୋରାପୁଟ | ଜୟପୁର | ଡ଼ମୁନି ସୌରା | ସିମାଞ୍ଚଳ ସୌରା | ଆଦିବାସୀ | ସୌରାଗୁଡା | ୨୬ | ୪୩/୨ | ଡ଼ଙ୍ଗର ୨ | ୦.୨୨ | ୦.୨୨ |
| ୨ | କୋରାପୁଟ | ଜୟପୁର | ତିଳତମା ସୌରାଣି | ଗଙ୍ଗାଧର ସୌରା | ଆଦିବାସୀ | ସୌରାଗୁଡା | ୨୨ | ୩୮/୧ | ଡ଼ଙ୍ଗର ୨ | ୧.୯ | ୦.୫୨ |
| ୩ | କୋରାପୁଟ | ଜୟପୁର | ଅର୍ଜୁନ ସୌରା | ସଦନ ସୌରା | ଆଦିବାସୀ | ସୌରାଗୁଡା | ୩ | ୩୯/୧ | ଡ଼ଙ୍ଗର ୨ | ୧.୨ | ୧.୨ |
| | | | | | | | | | ମୋଟ | ୩.୩୨ | ୧.୯୪ |

**[No. 26997—RDM-LAB-KPT-0006/2021-R&DM]**

ରାଜ୍ୟପାଳଙ୍କ ଆଦେଶାନୁସାରେ
ମଧୁସ୍ମିତା ସାହୁ
ଅତିରିକ୍ତ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1242—173+30